ଷଷ୍ଠ ଦିବସରେ ସଖୀ-ହସ୍ତ-ପୂଜା
ସାଗ୍ରହେ ଗ୍ରହଣ କରି ବରଭୂଜା,
କୁମାର-ଯୁଗଳ-ଅରିଷ୍ଟ ସକଳ
ନାଶି ଦେଇଗଲେ ମୃଗରାଜ-ବଳ ।
କ୍ରମେ ହେଲା ଏକବିଂଶତି ବାସର,
ନାମ-କରଣର ଶୁଭ ଅବସର ।
ଶୁଣିବାକୁ ସଖୀ-ସୁତଙ୍କର ନାମ
ଅମରେ ଆସିଲେ ତେଜି ସ୍ୱର୍ଗଧାମ ।
ଅମରୀ-ମଣ୍ଡଳୀ ସେହି କୁତୂହଳେ
ଗୋଡ଼ାଇଲେ ତାଙ୍କ ପଛେ ଦଳେ ଦଳେ ।
ଶରତର ଶୁଭ୍ରଗମନ ସକାଶେ
ପଥ ଗୁଣ୍ଡୁଥିଲା ଜଳଦ ଆକାଶେ ।
ରବି-ରଶ୍ମି ସହି ସହଜେ ସେ ପଥେ
ଆସିଲେ ସମସ୍ତେ ଜ୍ୟୋତିର୍ମୟ ରଥେ ।
ଆସି ଆଶ୍ରମରେ କୁସୁମ ଉପରେ
ମନୋମୁଗ୍ଧକର ସୌରଭ ରୂପରେ
ବସିଗଲେ ଦିବ୍ୟ ସୁଷମା ପ୍ରକାଶି
ବିକାଶ-ବ୍ୟାଜରେ ହୋଇ ଦରହାସୀ ।
କେତେ ବା ତାପସ ତାପସୀ-ହୃଦୟ—
ମଧ୍ୟେ ପଶିଗଲେ ହୋଇ ମୁଦମୟ ।
ବାଲ୍ମୀକି-ନିଦେଶେ ତାପସ ତାପସୀ
ଦ୍ୱିଗୁଣ ମୁଦରେ ଉପବନେ ପଶି
ବିବିଧ କୁସୁମ ନବପତ୍ରମାନ
ଆଣି କଲେ ମଞ୍ଜୁ ମଣ୍ଡପ ନିର୍ମାଣ ।
ରଜନୀ ପ୍ରଥମ ପ୍ରହରରେ ଆଶ୍ରମ
ପ୍ରଦୀପ-ମାଳରେ ହେଲା ମନୋରମ ।
୧ ପ୍ରଦୀପେ ଐଙ୍ଗୁଦ ତଇଲ ପ୍ରଚୁର
ତାପସଙ୍କ କରୁ କରୁଥାନ୍ତି ଜୁର ।
ଚୌଦିଗେ ପୁଷ୍ପିତ ପାଦପ-ବଲ୍ଲରୀ
ହସୁଥାନ୍ତି ପାଇ ଆଲୋକ-ଲହରୀ ।
ଥିଲା ସେ ସମସ୍ତ ପ୍ରସୂନଙ୍କ ପର୍ବ
୨ ବଢ଼ୁଥିଲା ଚକ୍ରବର୍ତ୍ତିନୀର ଗର୍ବ ।

ସାଗରସମୂହ ଯଥା କ୍ଷୀରାର୍ଣ୍ଣବ,
୩ ବୃନ୍ଦାରକବୃନ୍ଦେ ଯେମନ୍ତ ବାସବ ।
ଅବା ହିମାଚଳ-ସମୁଚ୍ଚ-ଶିଖର—
ମଣ୍ଡଳେ ଯେମନ ଗଉରୀଶଙ୍କର,
ମୁନିବୃନ୍ଦ ମଧ୍ୟେ ମହା ତପୋଧନ
ବିଶୋଭିଲେ କରି ମଣ୍ଡପେ ଆସନ ।
ଅଶ୍ୱିନୀକୁମାରେ ସ୍ମୃତ୍ୟା ସଂଜ୍ଞା ପରି
କୁମାର-ଯୁଗଳ କର-ପଦ୍ମେ ଧରି
ସଖୀ ଅନୁକମ୍ପା ଆସିଲେ ମଣ୍ଡପେ,
ଶୋଭା ତହିଁ ଉଭା ହୋଇଗଲା ଦର୍ପେ ।
କୃଷ୍ଣା ତ୍ରୟୋଦଶୀ ସୁଧାକର ପାଶେ
ପ୍ରଭାତୀ ତାରକା ଉଦିତ ଆକାଶେ,
ପ୍ରତିବିମ୍ବ ତାଙ୍କ ସରୋବର-ଗର୍ଭେ
ଯେମନ୍ତ ପ୍ରାଚୀ ଯେସନେ ରହିଅଛି ଗର୍ବେ ।
ସରଳ-ହୃଦୟା ପ୍ରସନ୍ନ-ବଦନା
ସଖୀ ସହଚରୀ ତାପସ-ନନ୍ଦନା
ଶରୀର ଆବରି ସଖୀ-ଦତ୍ତ ବାସେ
୪ ସମ୍ମଦରେ ବସିଗଲେ ସଖୀ ପାଶେ,
ଲଭି ଉଷା-ଦତ୍ତ ନବୀନ କିରଣ
ଉଷା ପାଶେ ଯଥା କମଳିନୀ-ବନ ।
ବେଦମତେ ହେଲା ଦେବ-ଆରାଧନା
ବାଜିଗଲା ଶଙ୍ଖ ଶିଙ୍ଗାର ବାଜଣା ।
ଜ୍ୟେଷ୍ଠ କୁମାରକୁ ଦେଇ ଶୁଭାଶିଷ
ପ୍ରସନ୍ନେ ବୋଇଲେ ମୁନିକୁଳାଧୀଶ,
କୁଶାଗ୍ରେ ମାର୍ଜିତ ହୋଇଅଛି "କୁଶ"—
ନାମେ ହେବ ରିପୁ କରୀନ୍ଦ୍ର-ଅଙ୍କୁଶ ।
ସେରୂପେ କନିଷ୍ଠ କୁମାରକୁ "ଲବ"—
ନାମ ଦେଲେ ମୁନି ମନୀଷି-ପୁଙ୍ଗବ ।
ମୁନିଗଣ କଲେ ରାମ-ନାମ-ଧ୍ୱନି
ବଜାଇ ମୁରଜ ମନ୍ଦିରା ଖଞ୍ଜଣୀ ।
ତାପସ-କୁମାରୀମାନେ ବାଇ ବୀଣା
ଗାଇଲେ ମଧୁର-ଗୀତି ସୁଧା-କ୍ଷୀଣା ।

୧ । ଐଙ୍ଗୁଦ—ଇଙ୍ଗୁଦୀ ଫଳ । ୨ । ଚକ୍ରବର୍ତ୍ତିନୀ—ଗଜଦନ୍ତ ପୁଷ୍ପ ।
୩ । ବୃନ୍ଦାରକ—ଦେବତା । ୪ । ସମ୍ମଦ—ଆନନ୍ଦ ।

ଏ ସମୟେ ମଧୁ ଶେଷରେ
ହେଲା ମଙ୍ଗଳବାର,
ସମସ୍ତ ବିରାଟ ନାରୀଙ୍କ
ବନଦୁର୍ଗା-ପୂଜାର ।
ସହକାର-ବନ-ବେଷ୍ଟିତ
ସର ଉପକୂଳରେ,
ଶୋଭେ ବନଦୁର୍ଗା ଦେଉଳ
ସ୍ୱର୍ଣ୍ଣକୁମ୍ଭ ଚୂଳରେ ।
ପ୍ରସାଦ-ଦୃଷ୍ଟିରେ କାନନ
ସର ପବିତ୍ର କରି,
ଅଧିଷ୍ଠାନ ତହିଁ କରନ୍ତି
ବନଦୁର୍ଗା ଈଶ୍ୱରୀ ।
ବାଦ୍ୟର ଶବଦେ କମ୍ପିଲା
ସହକାର କାନନ,
କମ୍ପିଲା ଭ୍ରମର-ଚକ୍ରର
ପଦ୍ମବନ ଆନନ ।
ଜନସ୍ରୋତ ବନ ପୂରାଇ
ପୁଣି ବହେ ଉଜାଣି,
କୋଳାହଳ-ବୀଚି ଉଠିଲା
ସିନ୍ଧୁ ଶବଦ ଜାଣି ।
ବସନ ଭୂଷଣ ପିନ୍ଧଣ
ଯାହା ଥିଲା ଯାହାର,
ଦେବୀପୂଜା ପାଇଁ ନାରୀଏ
ପୁରୁଁ ହେଲେ ବାହାର ।
କେ ଚମ୍ପାଗଉରୀ ପିନ୍ଧିଲା
ରମ୍ୟ ରଙ୍ଗ ଦୁକୂଳ,
ଗୋଧୂଳି-ମସ୍ତକ-ମଣ୍ଡନ
ସ୍ମରୁ ତାରକା ତୁଲ୍ୟ ।
ମଣ୍ଡିତ ହୋଇ କେ ସୁନ୍ଦରୀ-
ମଣି ହରିତ ବାସେ,

ଦୂର୍ବାବୃତ ଧରା ଉରସେ
ଗଙ୍ଗା ଶୋଭା ପ୍ରକାଶେ ।
ଅନୁକରି ଅମା ତାରକା-
ମସ୍ତ ନୀଳ ଅମ୍ବର,
କେ ପିନ୍ଧିଲା ସ୍ୱର୍ଣ୍ଣ-ପୁଷ୍ପିତ
ନବ ନୀଳ ଅମ୍ବର ।
ବାଳଭାନୁ-ପ୍ରଭା-ଗୁମ୍ଫିତ
ଶୃଙ୍ଗଧର ସଦୃଶୀ
ହେଲା ପୀତବାସେ କେ ପୀନ-
ପୟୋଧରୀ ସୁଦୃଶୀ ।
ଶତଭିଷା ଦଳେ ଶୋଭିତ
ପୂର୍ବଭାଦ୍ରବାକାରେ,
ଉରଜ ଯୁଗଳ ଶୋଭିଲା
କାହା ମୁକୁତାହାରେ ।
କେ ନକ୍ଷତ୍ରମାଳା ଉରସୀ
ସ୍ମରୁ ମୂର୍ଖ ଲୋକନେ,
ରେବତୀ-ଭବନ-ଅତିଥି
ଗୁରୁ ପଡ଼ନ୍ତି ମନେ ।
କାହା ହେମ ଦନ୍ତି ନିକଟେ
ମଣି-ନଥ ସୁଷମ
ଆଣଇ ଚତୁର୍ଥୀ ଚନ୍ଦ୍ରମା
ପାଶ ବିଶାଖା ଭ୍ରମ ।
ପୂଜାଥାଳୀ କରେ ଶୋଭିତା
ହେଲେ ସର୍ବ ଯୋଷିତ,
ସୂର୍ଯ୍ୟମୁଖୀ ଉପବନ କି
ହେଲା ନବ-ପୁଷ୍ପିତ ।
ଅମୂଲ୍ୟ ବସନ ଭୂଷଣେ
ଚହୋଇ ଲୋକ-ଉତ୍ତରା,
ବାହାରିଲେ ରାଣୀ ସୁଦେଷ୍ଣା
ରୂପନିଧି ଉତ୍ତରା ।

---

ମଧୁ—ଚୈତ୍ରମାସ । ଦୁକୂଳ—ପାଟବସ୍ତ୍ର । ଅମା—ଅମାବାସ୍ୟା । ଅମ୍ବର—ଆକାଶ । ଅମ୍ବର—ବସ୍ତ୍ର । ଶୃଙ୍ଗଧର—ପର୍ବତ । ଶତଭିଷା—ଚକ୍ରାକାର ଶହେ ନକ୍ଷତ୍ର । ପୂର୍ବଭାଦ୍ରବ—ଗୋଟିଏ ପରେ ଦୁଇ ନକ୍ଷତ୍ର । ନକ୍ଷତ୍ରମାଳ—ସତାଇଶଗୋଟି ମୋତିର ଏକ ମାଳ । ରେବତୀ—ମତ୍ସ୍ୟାକାର ସତାଇଶ-ଗୋଟି ତାରା । ବିଶାଖା—ଅର୍ଦ୍ଧମଣ୍ଡଳାକାର ପାଞ୍ଚଗୋଟି ତାରା ।

ଖରାବେଳେ ଗୋରୁଏ ଖରାରେ ନ ଚରି
ଶୋଇଥାନ୍ତି ସେ ତରୁତଳ ଆଶ୍ରା କରି
ନାନା ଜାତି ବିହଙ୍ଗ ସେ ବୃକ୍ଷରେ ବସି
କରିଥାନ୍ତି ସଙ୍ଗୀତ କେତେ ମୋ କ୍ଷେତକୁ
ପରଶଂସି ହେ ॥

ଧରଣୀ ମୋ ଗୋବର ଗୁହାଳରୁ ବହି
କ୍ଷେତେ କରିଥାଏଁ ସେ କୁଣ୍ଡ ଦିଏ ତହିଁ
ମିଶିଥାଏ ଗୋବରେ ପୁଆଳ ବା ଘାସ
ଛୁଉଁଥାନ୍ତି ଗୋରୁଏ ନ କରି ଯା ଗ୍ରାସ
କୁଣ୍ଡରେ ନ ପଡ଼ିବ ସୂର୍ଯ୍ୟଙ୍କ ନଜର
ବୋଲି ତାର ଉପରେ ଯତନେ ବନାଇ
ଥାଏଁ ଘର ହେ ॥

କୁଣ୍ଡ ରସ ଭାସ୍କର ନ ପାରନ୍ତି ଟାଣି
ଧୋଇ ନେଇ ନ ପାରେ ବରଷାର ପାଣି
କେବେ କେବେ କୁଣ୍ଡକୁ ଓଲଟ ପାଲଟ
କରି ତାର ଗଭକୁ କାଢ଼ିଦିଏ ବାଟ
ପଶିଯାନ୍ତି ତହିଁକି ଆଲୋକ ପବନ
କରନ୍ତି ସେ କୁଣ୍ଡର ଖତକୁ ସରସ
ସଞ୍ଜୀବନ ହେ ॥

ସେ ଖତକୁ ସମୟେ ପକାଏଁ ମୋ କ୍ଷେତେ
ଫଳ ପାଏଁ ଅଧିକ ଖତ ଦିଏଁ ଯେତେ
ଖାଦ୍ୟ ବିନା କେହି କି ଆସେ ଉପକାରେ
ତା ଜାଣି ମୁଁ ଭୂମିକି ଖୁଆଏ ବିବିଧ
ପରକାରେ ହେ ॥

ଯେତେ ଯେତେ ଭୂମିରେ ଉପୁଜନ୍ତି ଘାସ
ଚଷିଦେଲେ ମରି ସେ ହୁଅନ୍ତି ତା ଗ୍ରାସ
ଚଷିଦେଲେ ଭୂମିରେ ପଶଇ କାକର
ପଶେ ପୁଣି ତହିଁରେ ଦିବାକର କର
ସେହିମାନେ ଦିଅନ୍ତି ଜୀବନୀ ଶକତି
ତହିଁ ପାଇଁ ହୁଅଇ ରଜନୀ ଉଦନ୍ତ
ପୁଷ୍ପାପତି ହେ ॥

ଭୂମି ଚଷିବାରେ ମୋ ନାହିଁ ଅବହେଳା
ନ ଜାଣଇ ନକ୍ଷତ୍ର ତିଥି ବାର ବେଳା
ଯେବେ ଯେବେ ବର୍ଷଣ ତେବେ ମୋ କର୍ଷଣ
ତେବେ ଏକା କରୁଛି ଭୂମିରୁ ସୁଫଳ
ଆକର୍ଷଣ ହେ ॥

ହୃଷ୍ଟପୁଷ୍ଟ ଗରିଷ୍ଠ ହୁଏ ଯେତେ ଫଳ
ତାହାଙ୍କୁ ହିଁ ବିହନ ରଖଇଁ କେବଳ
ଭଲ ବୀଜ ଥିବାରୁ ଗଛ ହୁଏ ଭଲ
ଭଲ ଫଳ ବହୁତ ଫଳଇ ନାହିଁ ତା
ଅମଙ୍ଗଳ ହେ ॥

ଜଳ ଏକା ଭୂମିର ପରମ ଆଶ୍ରୟ
କ୍ଷେତ ମୁଣ୍ଡେ କରିଛି ଏକ ଜଳାଶୟ
ଆବଶ୍ୟକ ସମୟେ ବରଷା ନ ହେଲେ
ସେହି ଜଳ ଆଣି ମୋ କ୍ଷେତରେ ମଡ଼ାଏଁ
ତେତେବେଳେ ହେ ॥

କରିଅଛି ପ୍ରତ୍ୟେକ ଡୂଲୀ ସମତଳ
ସମ ଭାବେ ତହିଁରେ ରହିଥାଏ ଜଳ
ସମ ଭାବେ ସବନ୍ଧ ଦେଇଥାଏଁ ଖତ
ହକାହକ ହୋଇଣ ସୁଫଳ ଦିଅନ୍ତି
ସେ ସମସ୍ତ ହେ ॥

ବାରମାସ କ୍ଷେତେ ମୋ ଲାଗିଥାଏ କାମ
ମାସେ ପକ୍ଷେ କେବେହେଁ ନ ଥାଏ ବିଶ୍ରାମ
କ୍ଷେତ ମୋର ଲକ୍ଷ୍ମୀର ବିପୁଳ ଭଣ୍ଡାର
ଦେଉଅଛି ଅଶନ ବସନ ଇତ୍ୟାଦି
ବାରମ୍ବାର ହେ ॥

ଦେଖିବାକୁ କ୍ଷେତ ମୋ ଯେମନ୍ତ ସୁନ୍ଦର
ରହିବାକୁ ମୋହର ସଦା ସୁଖକର
ଭିନ୍ନ ଭିନ୍ନ ଋତୁରେ ଭିନ୍ନ ଭିନ୍ନ ଶସ୍ୟ
ପତ୍ର ଫୁଲ ଫଳର ଶୋଭାରେ କରନ୍ତି
ମୋତେ ବଶ ହେ ॥

କାମ ମୋର କ୍ଷେତରେ, କ୍ଷେତରେ ବିଶ୍ରାମ
ବିଶ୍ରାମିଲେ ଏକାନ୍ତେ ଗାଏଁ ହରିନାମ
ଗାନ ମୋର ଉଠିଲେ କ୍ଷେତ ପକ୍ଷୀମାନେ
ନୀରବରେ ନିଶ୍ଚଳେ ମୋ ଗାନ ଶୁଣନ୍ତି
ଏକଧ୍ୟାନେ ହେ ॥

ମେ ହୋ ଗାନ ଥମିଲେ ଉଠେ ତାଙ୍କ ଗାନ
ମଧୁ ଭରି ଉଠାନ୍ତି ସେ ଯାହାର ତାନ
ଡାଳେ ଡାଳେ ବିହରି ଖେଳିବୁଲି ମୁଦେ
ଈଶ୍ୱରଙ୍କ ବିଚିତ୍ର ମହିମା ସ୍ମରନ୍ତି
ମୋର ହୃଦେ ହେ ॥

ଯେ ଦେଇଛନ୍ତି ଏ ଦେହ ତାର ଜନ୍ମ ପାଇଁ
କାଳ-ଘଣ୍ଟା ପାଖକୁ ଯାଉଅଛନ୍ତି ଧାଇଁ
ଯେ ଦେଇଛନ୍ତି ଜୀବନ ନିଜେ ହସ୍ତେ ଧରି
ଘଣ୍ଟା ମୁଖେ ଦେବ ମୋ ଶରୀରକୁ ଭରି
ହାଡ଼ ମୋର ଯୁଝିବ ଭୀଷଣ ଅନଳେ
ପୁଣ୍ୟ ରସ ଥିଲେ ମୋ ନାଶିବ ଅନଳ
ବକ୍ଷସ୍ଥଳେ ହେ ॥

କାଣ୍ଡି ମୋର ଯଦ୍ୟପି ଥିବ ମଧୁମୟ
ତେବେ ହେବ ଅଧିକ ମଧୁର ନିଶ୍ଚୟ
ହେବ ଯେବେ ଅଳସ କରମକୁ ଡରି
ରହି ତ ନ ପାରିବ ଜଗତେ ଏ ମାଂସ-
ପିଣ୍ଡ ଧରି ହେ ॥

ବଢ଼ିଥାଏ ନଳିତା ଆଖୁ ପାଶେ ପାଶେ
ଖରାକାଳେ ରସନା ତୋଷିବାରେ ଆସେ
ଆନ ତରକାରୀକି ନ ଲୋଡ଼େ ମୋ ଭାତ
ସବୁ ଛାଡ଼ ପ୍ରଥମେ ପକାଏଁ ନଳିତା-
ଶାଗେ ହାତ ହେ ॥

କାଉଁରିଆ ବଢ଼ଇ ଆଖୁ ସଙ୍ଗେ ସଙ୍ଗେ
ଶରଦରେ ନୟନ ତୋଷେ ଫୁଲ ରଙ୍ଗେ
ରହିଥାଏ ଚୌଦିଗ କରି ଆବରଣ
ବୀର ଅଙ୍ଗେ ଯେସନ କୋମଳ ବସନ
ଆଭରଣ ହେ ॥

ଦେହ ତେଜି ହେମନ୍ତେ ଦେଇଯାଏ ଚର୍ମ
ଚର୍ମ ତାର କରେ ମୋ ଦଉଡ଼ିର କର୍ମ
ଅସ୍ଥିରେ ତା ଅସ୍ଥିର ହୁଏ ଅନ୍ଧକାର
ତାହା ଯୋଗୁଁ ସମସ୍ତେ ପ୍ରଦୀପ ନ ହୁଏ
ଦରକାର ହେ ॥

କାଉଁରିଆ ସହିତେ ଲାଗିଥାଏ ଭେଣ୍ଡି
ନାମ ସିନା ତାହାର ନୁହଇ ସେ ଭେଣ୍ଡି
ଭେଣ୍ଡିଫଳ ଭଜଣ ବଡ଼ ରୁଚିକର
ପୋଡ଼ିଦେଲେ ପଖାଳ ସହଜେ ଚଳେ ମୋ
ପିଲାଙ୍କର ହେ ॥

ଶିମ୍ବ ଲାଗିଥାଏ ମୋ ଆଖୁ ବାଡ଼ ବାଡ଼
ଶୀତେ ଶୋଭେ ସୁନ୍ଦର ଫୁଲେ ଘରଆଡ଼େ
ଫଳ ହୁଏ ମୋତେ ସେ ଶୀତ ଶେଷ ଯାଏ
ଶ୍ୟାମରୂପେ ସଭିଙ୍କ ମରଣ ପରେ ସେ
ମରିଯାଏ ହେ ॥

ଥାଏ ଲଙ୍କାମରିଚ ବାଇଗଣ ଗଛ
ଛାଡ଼ି ତ ନ ପାରନ୍ତି କୃଷାଣର ପଛ
ଶିମ୍ବ ଲଙ୍କାମରିଚ ଭେଣ୍ଡି ବାଇଗଣ
ନିଜେ ଖାଇ ଖୁଆଇ ପରକୁ ଅରଜେଁ
ଘରେ ପଣ ହେ ॥

କନ୍ଦା ହେବା ପାଇଁ, ମୋ କୃଷାଣ ବାଡ଼ରେ
ଉଠିଥାଏ ଶିମିଳି ଉନ୍ନତି ଆଡ଼ରେ
ତାଳ କରି ରୋପଣ ବାଳ ବୟସରେ
ଖୋଳଦେଲେ ଶିମିଳି ଟଇସା ଆଣି ମୋ
ହୁଏ ଘରେ ହେ ॥

କାନ୍ଦୁଲି ମୋ ସତତ ଆଖୁ ସହିତରେ
ଆଖୁଗଲେ ଜୀବନ ହୁଏ ତା ଦୁର୍ଭର
ବେଗେ ବେଗେ ଜୀବନ କରିବାକୁ ଶେଷ
କଞ୍ଚାଫଳ ପ୍ରଦାନ କରଇ ବିଶେଷ
କେତେ ଫଳ ନ ସରି ପାଚିଯାଏ ଶୁଖି
ଡାଲିରୂପେ ବ୍ୟଞ୍ଜନ ହୋଇ ସେ ଲୋକଙ୍କୁ
କରେ ସୁଖୀ ହେ ॥

ଧନ୍ୟା କୋଶଳ- ରାଜପୁତ୍ରୀ ଶ୍ରୀମତୀ
ନିତ୍ୟେ ଧରେ କୋଳରେ
ରାଜେନ୍ଦ୍ର ଅଜ ସୁତ ଭସଇ ଦେଖି
ଆନନ୍ଦ କଲ୍ଲୋଳରେ ।
ତୁମ୍ଭଙ୍କୁ ଲଭିଲେ କୁମାର ରୂପରେ
ଶ୍ରେଷ୍ଠା ତପସ୍ୟା ଫଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜେ ରହୁ ସଦା
ଚଞ୍ଚଳ ମୋ ନିଶ୍ଚଳେ । ୧୬ ।
ଇନ୍ଦ୍ର ପୀରତି ଦେଖି କୋପନସ୍ୱନେ
ସ୍ୱାମୀ କଲେ ଦୂଷିତା
ପାଷାଣାଙ୍ଗୀ ହୋଇ ଏ କାନନେ ଥିଲି
ଶାପେ ହୋଇ ଗ୍ରାସିତା ।
ପାଇଲି ନିଜ ମୂରତି ପଦଧୂଳି
ପାଇ ସଙ୍ଗାତ୍ତ ବଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜେ ରହୁ ସଦା
ଚଞ୍ଚଳ ମୋ ନିଶ୍ଚଳେ । ୧୭ ।
ବ୍ରହ୍ମା ବାଞ୍ଛଇ ଯେ ପଦାଙ୍କ ଧୂଳିକି
ଦୁର୍ଲ୍ଲଭ୍ୟ ଯୋଗିଜନେ
ରୁଦ୍ରେ ଈପ୍ସିତ ସାଗ୍ରହେ ନିତି ଶଶି-
ଭୂଷା ଶିରେ ମଣ୍ଡନେ ।
ସାକ୍ଷାତ୍ ସେ ପଦଧୂଳିକି ମୁଁ ଲଭିଲି
ସ୍ୱାମୀ କରୁଣା ଫଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜେ ରହୁ ସଦା
ଚଞ୍ଚଳ ମୋ ନିଶ୍ଚଳେ । ୧୮ ।
ପ୍ରତ୍ୟକ୍ଷେ ସୁରକଳ୍ପ ପାଦପ ପ୍ରଭୁ
ଦଣ୍ଡାୟମାନ ଆଗରେ
ଉଦ୍ଭାସିତ ହେଉଛ ଦର୍ଶନ କରି
ହର୍ଷେ ସୁଧା-ସାଗରେ ।

କୋଟି ଜନ୍ମ କୃତାଘ- ରାଶି ଭୂତଳେ
ଘୁଞ୍ଚିଣ ଦୂରେ ଗଲେ
ତୁମ୍ଭ ଶ୍ରୀଚରଣା- ମ୍ବୁଜେ ରହୁ ସଦା
ଚଞ୍ଚଳ ମୋ ନିଶ୍ଚଳେ । ୧୯ ।
ହେ ରାମ ରଘୁବଂଶ ତିଳକ ମହୀ-
ରାଜେନ୍ଦ୍ର ଚୂଡ଼ାମଣି
ହେ ଶ୍ୟାମାଙ୍ଗ କୃପା-କୂପାର ହେ ଜଗତ୍-
ଖ୍ୟାତ ବୀରାଗ୍ରଣୀ
ଆଶୁ ଦଗ୍ଧ ହେବେ ନିଶାଚରଗଣେ
ଉତ୍ତୀକ୍ଷଣ ଶରାନଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜେ ରହୁ ସଦା
ଚଞ୍ଚଳ ମୋ ନିଶ୍ଚଳେ । ୨୦ ।
ବାସୁକି କହିଲେ ଅଶେଷ ବଦନେ
ମାହାତ୍ମ୍ୟ ଯା ନ ସରେ
ବର୍ଣ୍ଣି ପାରିବି କି ଅବୋଧ ଯୁବତୀ
ସାମାନ୍ୟ ମୋ ଭାଷରେ ।
ଯେମା ହେଉ ମୋ ଚିନ୍ତନ ସଦୟରେ
ଶ୍ରୀପଙ୍କଜାଙ୍ଘ୍ରି ତଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜେ ରହୁ ସଦା
ଚଞ୍ଚଳ ମୋ ନିଶ୍ଚଳେ । ୨୧ ।
ସଦ୍ରୂପୀ ଜଗଦାହ୍ଲା- ଦକ ଶ୍ରୀପତି
ଫୁଲ୍ଲାରବିନ୍ଦାକ୍ଷ ହେ
ସାଧୁ ଗୋ ଦ୍ୱିଜ ଯାନ ଆର୍ତ୍ତିହର ହେ
ମୁକ୍ତ ମହାବୃକ୍ଷ ହେ ।
ମୁଁ ରି ବର ଲଭନ୍ତୁ ଜୀବ ପଦେ
ଭକ୍ତ କରି ନିର୍ମଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜେ ରହୁ ସଦା
ଚଞ୍ଚଳି ମୋ ନିଶ୍ଚଳେ । ୨୨ ।

